# ଜିଲ୍ଲା କାର୍ଯ୍ୟାଳୟ, ଜଗତସିଂହପୁର
## ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ(ବୃହତ ଶିଳ୍ପ ପ୍ରକଳ୍ପ) ଜଗତସିଂହପୁର

*******

## ବିଜ୍ଞାପନ

**ସଂଖ୍ୟା** 588 **/ତା-** 09.01.2024

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୭ (୧) ଅନୁଯାଇ Establishment of Industry and allied facilities under Land Bank Scheme ଏବଂ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାଙ୍କନ ନିମନ୍ତେ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳିତ ବିଶେଷଜ୍ଞ ଗୋଷ୍ଠୀର ତା- 21.12.2023 ରିଖ ଘ 4.30 ଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜଗତସିଂହପୁରଙ୍କ ଅଧକ୍ଷତାରେ ହୋଇଥିବା ଆଲୋଚନା (ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁରଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିବା) ବୈଠକର ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ନିମିତ୍ତ ଉପରୋକ୍ତ ଆଇନର ନିୟମ ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ପାଇଁ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଜଗତସିଂହପୁର ଜିଲ୍ଲାପାଳଙ୍କ ୱେବସାଇଟରେ ଉପଲବ୍ଧ ହେବ ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ଜ୍ଞାପକ ସଂଖ୍ୟା 589 / ତା- 09.01.2024

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ଜ୍ଞାପକ ସଂଖ୍ୟା 590 / ତା- 09.01.2024

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଜଗତସିଂହପୁର/ ତହସିଲଦାର, **ଏରସମାଙ୍କୁ** ପ୍ରଦାନ କରାଗଲା ଏବଂ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନକୁ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଛାପିବା ହେବେ । ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, (ବୃହତ ଶିଳ୍ପ ପ୍ରକଳ୍ପ) ଜଗତସିଂହପୁରଙ୍କୁ ବିଜ୍ଞାପନର ଏକକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଏକକିତା ନକଲ **ଗଡ଼କୁଜଙ୍ଗ** ମୌଜାରେ ଅତନ୍ତ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରାଇବେ ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ଜ୍ଞାପକ ସଂଖ୍ୟା 591 / ତା- 09.01.2024

ଏହାର ଏକକିତା ନକଲ **ସରପଞ୍ଚ, ଗଡ଼କୁଜଙ୍ଗ, ଗ୍ରାମ ପଞ୍ଚାୟତଙ୍କ** ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ଜ୍ଞାପକ ସଂଖ୍ୟା 592 / ତା- 09.01.2024

ଏହାର ଏକକିତା ନକଲ **ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ/ଶିଳ୍ପ ବିଭାଗ,** ଓଡ଼ିଶା ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡ଼ିଶା ସରକାରଙ୍କ ୱେବସାଇଟିରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ଜ୍ଞାପକ ସଂଖ୍ୟା 593 / ତା- 09.01.2024

ଏହାର ଏକକିତା ନକଲ **ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, କଟକଙ୍କ,** ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

ପରିପତ୍ର ସଂଖ୍ୟା- 594 / ତା- 09.01.2024

ଏହାର ଏକକିତା ନକଲ **ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରଙ୍କୁ** ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଜଗତସିଂହପୁରଙ୍କ ୱେବସାଇଟରେ ତୁରନ୍ତ ପ୍ରକାଶନ କରିବା ହେବେ ।

ଏହାର ଏକକିତା ନକଲ **କାର୍ଯ୍ୟାଳୟ ଅଧିକ୍ଷକ, କଲେକ୍ଟୋରେଟ, ଜଗତସିଂହପୁରଙ୍କୁ** ପ୍ରେରଣ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ଛାପିବା ନିମନ୍ତେ ଅବଗତି କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ବିଶେଷଜ୍ଞ ଗୋଷ୍ଠୀ, ଜଗତସିଂହପୁର**

**ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଗଡକୁଜଂଗ ଗ୍ରାମପଞ୍ଚାୟତ ଗଡକୁଜଂଗ ଗ୍ରାମ ଠାରେ ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ସକାଶେ ଜମିଅଧିଗ୍ରହଣ ନିମନ୍ତେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟର ମୂଲ୍ୟାଙ୍କନ ପାଇଁ ତା-୨୧.୧୨.୨୦୨୩ରିଖ ଅପରାହ୍ନ ଘ ୦୪.୩୦ଟିକା ସମୟରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ବିଶେଷଜ୍ଞ ଗୋଷ୍ଠିଙ୍କ ସଭାର ବିବରଣୀ ।**

---

ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ସକାଶେ ଇଡକୋ ଦ୍ୱାରା ଏରସମା ତହସିଲ ଅଧିନସ୍ଥ ଗଡକୁଜଂଗ ରାଜସ୍ୱ ଗ୍ରାମରେ ମୋଟ ଏ.୧୦୧.୯୬୬୨କର ଜମି ଅଧିଗ୍ରହଣ ହେବାକୁ ପ୍ରସ୍ତାବ ଦିଆ ଯାଇଅଛି । ଏହାର ସାମାଜିକ ପ୍ରଭାବ ଆକଳନ ଅଧୟନର ମୂଲ୍ୟାଙ୍କନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ର ଧାରା ୭(୧) ଅନୁଯାଇ ସରକାରଙ୍କ ନିକଟକୁ ଏକ ସୁପାରିଶ ପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଜଗତସିଂହପୁରଙ୍କ ଅଧକ୍ଷତାରେ ଏକ୍ସପର୍ଟ ଗୃପ (ବିଶେଷଜ୍ଞ କମିଟି) ସଦସ୍ୟଙ୍କ ଉପସ୍ଥିତିରେ ତା-୨୧.୧୨.୨୦୨୩ରିଖ ଅପରାହ୍ନ ଘ ୦୪.୩୦ଟିକା ସମୟରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ଚାମ୍ବରରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ହୋଇଥିବା ଆଇନ ୨୦୧୩ ଏବଂ ଓଡିଶା ସରକାରଙ୍କ ନିୟମାବଳୀ, ୨୦୧୬ର ନିୟମ ୧୫ ଅନୁଯାଇ ଯେଉଁ ଗ୍ରାମ ପ୍ରଭାବିତ ହେଉଛି ତାହାର ସାମାଜିକ, ଅର୍ଥନୈତିକ ଓ ବୈଷୟିକ ଦିଗପ୍ରତି ଦୃଷ୍ଟି ଦେଇ ଆଲୋଚନା କ୍ରମେ ସାମାଜିକ ଅଧୟନ ତଥା ସର୍ବେକ୍ଷଣ ନିଷ୍କର୍ଷ ଉପସ୍ଥାପନା କରଯାଇଥିଲା ।

ସର୍ବ ପ୍ରଥମେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ କରିଥିଲେ । ସେ NCDS ଦ୍ୱାରା ପ୍ରସ୍ତୁତ ପ୍ରସ୍ତାବିତ ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ, ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଓ ଅଧୟନ ରିପୋର୍ଟ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ତଥା ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ମତାମତ ଲୋଡିଥିଲେ । ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧିମାନେ ଗଡକୁଜଂଗ ଗ୍ରାମର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ବିଶେଷଜ୍ଞ ଗୋଷ୍ଠିର ସାମାଜିକ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଜମିର କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ତ୍ୱରିତ ପଦକ୍ଷେପକୁ ପ୍ରାଧାନ୍ୟ ଦେବା ପାଇଁ ନିଷ୍ପତି ନିଆଯାଇଥିଲା । ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥାର ରିପୋର୍ଟରେ ଦର୍ଶାଯାଇଥିବା ବିଭିନ୍ନ ପ୍ରସଙ୍ଗ ଗୁଡିକ ସମ୍ବନ୍ଧରେ ଏକ୍ସପର୍ଟ ଗୃପର ସଦସ୍ୟମାନେ ପୃଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମବାସୀମାନଙ୍କ ଦ୍ୱାରା ଉପସ୍ଥାପିତ ସମସ୍ୟା ଗୁଡିକର

ସମାଧାନ କିପରି ହୋଇପାରିବ ତାହାକୁ ଧ୍ୟାନ ଦେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦେଶ ଦିଆଯିବା ଉପରେ ସମସ୍ତ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଉପରୋକ୍ତ ଆଲୋଚନାର ସର୍ବଶେଷରେ ଏକ୍ସପର୍ଟ ଗ୍ରୁପ ସଦସ୍ୟମାନେ ଏକମତ ହେଲେ ଯେ, ଶିଳ୍ପ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପର ଅଗ୍ରଗତି ହେଲେ ସାମୁହିକ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ପ୍ରକଳ୍ପ ଦ୍ୱାରା ଲୋକଙ୍କ ସାମାଜିକ ଏବଂ ଆର୍ଥିକ ଉନ୍ନତି ସାଧିତ ହେବ । ଏହା ଦ୍ୱାରା ଯୁବକ, ଯୁବତୀଙ୍କୁ କର୍ମ ନିଯୋଜନ ମିଳିପାରିବ । ଯାହା ଫଳରେ ଏହି ଅଞ୍ଚଳର ଆର୍ଥିକ ଏବଂ ସାମାଜିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ।

ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ ରିପୋର୍ଟ ଅନୁଶୀଳନରୁ ଜଣାଗଲା ଯେ Establishment of Industries and Allied Facilities under Land Bank Scheme ସକାଶେ ଏ. ୧୦୧.୯୬୭୨କର ଜମି ଅଧିଗ୍ରହଣ ବିଧିସଙ୍ଗତ ଏବଂ ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଅଟେ । ଉପରୋକ୍ତ ଗ୍ରାମରେ ପ୍ରସ୍ତାବିତ ବେସରକାରୀ ଜମି ଅଧିଗ୍ରହଣ ବିଭିନ୍ନ ନକରାତ୍ମକ ପ୍ରସଙ୍ଗରେ ଅନେକ ସକାରାତ୍ମକ ଦିଗ ମଧ୍ୟ ରହିଅଛି, ଯାହାକି ବର୍ତ୍ତମାନ ସମୟର ଏକ ଅନିର୍ବାର୍ଯ୍ୟ ଆବଶ୍ୟକତା ଅଟେ । ମୋଟ ଉପରେ କହିବାକୁ ଗଲେ ଏହି ଜମି ଅଧିଗ୍ରହଣ ସାମୁହିକ ଉନ୍ନତି ପାଇଁ ହେଉଅଛି ଏବଂ ପ୍ରକଳ୍ପ କାର୍ଯ୍ୟକୁ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ପୂର୍ବକ ଯଥାବିଧି କରାଗଲେ ଗ୍ରାମବାସୀମାନେ ଉପକୃତ ହେବେ ବୋଲି ସମସ୍ତ ସଦସ୍ୟ ସହମତି ପ୍ରକାଶ କଲେ ।

ସର୍ବ ଶେଷରେ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଦସ୍ୟ/ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେବା ସହିତ ସଭା ସାଙ୍ଗ କରିଥିଲେ ।

| | | | |
|---|---|---|---|
| ଉପ-ଜିଲ୍ଲାପାଳ,<br>ଜଗତସିଂହପୁର | 21-12-2023<br>ନିର୍ବାହୀ ଯନ୍ତ୍ରୀ, ଆର ଓ ବି,<br>ଜଗତସିଂହପୁର | Laxmi priya Mohapatra<br>ଅଧ୍ୟକ୍ଷ, [illegible] ପଞ୍ଚାୟତ<br>ସମିତି, କୁଜଙ୍ଗ | Kabita Das<br>ସରପଞ୍ଚ [illegible] ଗ୍ରାମ<br>ପଞ୍ଚାୟତ, [illegible] |
| ବିବୁଧ କୁମାର ମହାନ୍ତି,<br>ଥଇଥାନ, ବିଶେଷଜ୍ଞ. | ସଚିଦାନନ୍ଦ ରାଉତ,<br>ଥଇଥାନ, ବିଶେଷଜ୍ଞ. | ଚିତ୍ତରଞ୍ଜନ ମହାପାତ୍ର,<br>ସାମାଜିକ ବୈଜ୍ଞାନିକ | Jayanti kumari Swain<br>ଜୟନ୍ତୀ ସ୍ୱାଇଁ,<br>ସାମାଜିକ ବୈଜ୍ଞାନିକ |

ଅତିରିକ୍ତ ଜିଲ୍ଲାପାଳ,
ଜଗତସିଂହପୁର